# ଶ୍ରୀଜଗନ୍ନାଥ ମନ୍ଦିର : ଏକ ସାମାଜିକ ଓ ସାଂସ୍କୃତିକ ଅବଲୋକନ

● ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

ହିନ୍ଦୁମାନଙ୍କ ପାଇଁ ଜଗନ୍ନାଥ ମନ୍ଦିର ଏକ ମୁଖ୍ୟ ଧର୍ମ କ୍ଷେତ୍ର । ଏହାର ପୂଜା ଓ ପରଂପରା ଅତି ପୁରାତନ । ପୁରାତନ ଧର୍ମୀୟ ଚିନ୍ତାଧାରାର ଏହା ଏକ ନିଚ୍ଛକ ଚିତ୍ର । ଏହାର ପ୍ରଭାବ କେବଳ ଓଡ଼ିଶା ଭିତରେ ସୀମିତ ନୁହେଁ, ଏହା ସମଗ୍ର ଭାରତରେ ପରିବ୍ୟାପ୍ତ ।

ଦିନେ ଓଡ଼ିଶା ତା'ର ରାଜନୈତିକ ଓ ସାଂସ୍କୃତିକ ଧାରାରେ ଶୀର୍ଷତ୍ୱ ସ୍ପର୍ଶ କରିଥିଲା । ଅନଙ୍ଗଭୀମ ଦେବ ତୃତୀୟ ଓ ତାଙ୍କର ପୁତ୍ର ନରସିଂହ ଦେବଙ୍କ ପ୍ରଥମ ଶାସନ କାଳରେ ପୂର୍ବ ଭାରତର ଅଧିକାଂଶ ଅଞ୍ଚଳ ତାଙ୍କର ଶାସନାଧୀନ ହୋଇଥିଲା । ପରେ କପିଳେନ୍ଦ୍ର ଦେବ (୧୪୩୫-୬୬) ଦେବରକୋଣ୍ଡାଠାରେ ଦାକ୍ଷିଣାତ୍ୟର ପ୍ରବଳ ଶାସକଙ୍କୁ ପରାସ୍ତ କରି ରାଜଧାନୀ କୁଳବର୍ଗାକୁ ମଧ୍ୟ ଦଖଲ କରିଥିଲେ । ଅନଙ୍ଗଭୀମ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । କଟକର ଜଗନ୍ନାଥ ମନ୍ଦିର ସହ ସେମାନେ ଅନେକ ଜଗନ୍ନାଥ ମନ୍ଦିରର ନିର୍ମାତା ଓ ସ୍ଥାପୟିତା ଥିଲେ । ଏହା ଫଳରେ ଉତ୍ତର ଓ ଦକ୍ଷିଣ ଭାରତରେ ଜଗନ୍ନାଥଙ୍କ ପ୍ରତିଷ୍ଠା ବୃଦ୍ଧି ହୋଇଥିଲା ଓ ପୁରୀ ଏକ କ୍ଷେତ୍ର ଭାବରେ ବ୍ୟାପକ ମାନ୍ୟତା ଓ ପ୍ରତିଷ୍ଠା ପାଇଥିଲା ।

ଶ୍ରୀ ଶଙ୍କରାଚାର୍ଯ୍ୟ ଦେବ (୭୮୮-୮୨୦) ଜଗନ୍ନାଥ ମନ୍ଦିରରେ ଏକ ଶୃଙ୍ଖଳିତ ବ୍ୟବସ୍ଥା ପ୍ରଚଳନ କରିଥିଲେ । ସେ ଶ୍ରୀକ୍ଷେତ୍ରରେ ଗୋବର୍ଦ୍ଧନ ମଠ ସ୍ଥାପନ କରି ପୁରୀର କ୍ଷେତ୍ର ପ୍ରତିଷ୍ଠାକୁ ଆହୁରି ପ୍ରାଧାନ୍ୟ ଦେଇଥିଲେ । ଶଙ୍କରଙ୍କ ପରେ ରାମାନୁଜାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ନିମ୍ବାକାଚାର୍ଯ୍ୟ, ମାଧବାଚାର୍ଯ୍ୟ ପ୍ରମୁଖ ଜଗନ୍ନାଥଙ୍କ ପ୍ରତିଷ୍ଠା ଓ ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ସହଯୋଗ କରିଥିଲେ । ସେମାନେ ସମସ୍ତେ ଜଗନ୍ନାଥଙ୍କ ଭକ୍ତିଧାରାକୁ ଗ୍ରହଣ କରି ନିଜର ଭାବ ପରିପ୍ରକାଶକୁ ଉନ୍ନତ କରିଥିଲେ ।

ପ୍ରତିଦିନ ମନ୍ଦିରରେ କବି ଜୟଦେବଙ୍କର ଗୀତଗୋବିନ୍ଦ ଗାୟନ ଏକ ପ୍ରଥାରେ ପରିଣତ ହୋଇଥିଲା । ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ପୂର୍ବ ଭାରତରେ ଜଗନ୍ନାଥଙ୍କ ମହିମାର ବହୁଳ ପ୍ରସାରରେ ସହାୟକ ହୋଇଥିଲା । ସେ ପୁରୀଠାରେ ଅଠର ବର୍ଷ କାଳ ଅବସ୍ଥାନ କରିଥିଲେ । ଏହାଛଡ଼ା ଶ୍ରୀମନ୍ଦିରରେ ଆବହମାନ କାଳରୁ ପ୍ରଚଳିତ ଶୃଙ୍ଖଳିତ ଦୈନନ୍ଦିନ ପୂଜା ବିଧି ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଥିଲା ।

ସେତେବେଳର ରାଜନୈତିକ ସ୍ଥିତିରେ ମୁସଲମାନ-ମାନେ ସମଗ୍ର ଉତ୍ତର ଭାରତର ପ୍ରସିଦ୍ଧ ସ୍ଥାନମାନଙ୍କରେ ମନ୍ଦିର ସବୁକୁ ଧୂଳିସାତ୍ କରି ଦେଇଥିଲେ । ଏସବୁ ଘଟିଥିଲା କାଂଗ୍ରା, ସୋମନାଥ, ମଥୁରା, ବୃନ୍ଦାବନ, ଅଯୋଧ୍ୟା, କାଶୀ, ତ୍ରିବେଣୀ, କାନ୍ୟକୁବ୍ଜ, ପ୍ରୟାଗ, ଗୟା, ଉଜ୍ଜୟିନୀ ପ୍ରଭୃତି ସ୍ଥାନରେ । ତେଣୁ ସେତେବେଳେ ଦେଶର ଏକମାତ୍ର ସୁରକ୍ଷିତ ମନ୍ଦିର ଭାବରେ ପୁରୀ ଜଗନ୍ନାଥ ମନ୍ଦିରର ଖ୍ୟାତି ବଢ଼ି ଯାଇଥିଲା । ଏହି ସମୟରେ ଜଗନ୍ନାଥଙ୍କୁ ନେଇ ଅନେକ ଭଜନ, ସଂଗୀତ, ଗବେଷଣା ପ୍ରସୂତ ଗ୍ରନ୍ଥମାନ ରଚିତ ହୋଇଥିଲା । ସାରା ଦେଶରେ ଜଗନ୍ନାଥଙ୍କର ମନ୍ଦିର ତିଆରି ଏହି ସମୟରେ ଆରମ୍ଭ ହୋଇଥିଲା ।

**ଜଗନ୍ନାଥ ମନ୍ଦିର, ପୁରୀ :-**

ବର୍ତ୍ତମାନର ଜଗନ୍ନାଥ ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲା । ଚୋଡ଼ଗଙ୍ଗ ଦେବ ଏହାର ଶୁଭାରମ୍ଭ କରିଥିଲେ ଓ ତାଙ୍କର ଅଣନାତି ଏହାକୁ ସଂପୂର୍ଣ୍ଣ କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଚଳିତ ପରଂପରା ସେତେବେଳ ଠାରୁ ଚାଲୁ ରହିଛି । ଶଙ୍କରାଚାର୍ଯ୍ୟ ଏଠାକୁ ଆସିବା ବେଳକୁ ଏଠାରେ ବର୍ତ୍ତମାନର ମନ୍ଦିର ଅଥବା ମୂର୍ତ୍ତି ନଥିଲା । ଚୋଡ଼ଗଙ୍ଗଦେବ ୧୧୦୦ ମସିହାରେ ସୋମବଂଶୀ ରାଜା କାମାର୍ଣ୍ଣବ ଦେବଙ୍କୁ ପରାସ୍ତ କରିଥିଲେ ଓ ୧୧୩୫ ପର୍ଯ୍ୟନ୍ତ ଯୁଦ୍ଧରେ ବ୍ୟସ୍ତ ଥିଲେ । ତାମ୍ରପତ୍ରରୁ ପ୍ରାପ୍ତ ଏହି ତଥ୍ୟକୁ ଅନୁଶୀଳନ କରି ଏ କଥା ଗ୍ରହଣ କରିବାକୁ ହେବ ଯେ, ସେ ଯୁଦ୍ଧ ଶେଷ ହେବା ପରେ ହିଁ ଜଗନ୍ନାଥ ମନ୍ଦିର କଥା ଚିନ୍ତା କରିଥିବେ । ତାମ୍ରପତ୍ରରୁ ଆହୁରି ମଧ୍ୟ ଜଣାପଡ଼େ ଯେ, ଏଠାରେ ପୂର୍ବରୁ ପୁରୁଷୋତ୍ତମ ବିଗ୍ରହ ପୂଜା

ପାଉଥିଲେ । ଏହା ପୂର୍ବରୁ କେହି ରାଜା ମନ୍ଦିର ତିଆରି କରି ନଥିଲେ । ଯାହା ବା ହୋଇଥାଇପାରେ, ସେ ସବୁ ଧ୍ୱଂସ ପାଇ ଯାଇଥିଲା । ମାଦଳା ପାଞ୍ଜି ଅନୁସାରେ ମନ୍ଦିରଟି ୧୧୯୭ ରେ ସଂପୂର୍ଣ୍ଣ ହୋଇଥିଲା ।

ଉପରୋକ୍ତ ଘଟଣା ସଂପର୍କରେ ଗଙ୍ଗବଂଶାନୁ ଚରିତ୍ର ଚଂପୂ ବହିରେ କିଛି ସୂଚନା ମିଳେ । ଅନେକ ଗବେଷକ ମତ ଦିଅନ୍ତି ଯେ ଅନଙ୍ଗ ଭୀମ ତୃତୀୟଙ୍କ ଦ୍ୱାରା ମନ୍ଦିର ସଂପୂର୍ଣ୍ଣ ହୋଇଥିଲା । ସେହି ଅନଙ୍ଗଭୀମ କଟକର ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ।

ସେ ଯାହାହେଉ, ମନ୍ଦିର ପ୍ରତିଷ୍ଠାର ପରିକଳ୍ପନା ଯଯାତିଙ୍କ ଦ୍ୱାରା ଆରମ୍ଭ ହୋଇ ଅନଙ୍ଗଭୀମ ତୃତୀୟଙ୍କ ସମୟରେ ସଂପୂର୍ଣ୍ଣ ହୋଇଥିଲା । କେତେକ ଗବେଷକଙ୍କ ମତରେ ଆଗରୁ ଦୁଇଟି ମନ୍ଦିର ନଷ୍ଟ ହେବା ପରେ ଏହା ତୃତୀୟ ଥର ପାଇଁ ଆରମ୍ଭ କରାଯାଇଥିଲା ।

**ଜଗନ୍ନାଥ ମନ୍ଦିର, କଟକ :-**

ଗବେଷକଙ୍କ ମତରେ ଅନଙ୍ଗଭୀମ ଦେବ ତୃତୀୟ (୧୨୧୧-୪୫) ଅଭିନବ ବାରାଣସୀ ବା କଟକରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । କେତେକ ଗବେଷକ କହନ୍ତି ଯେ ସେ ପଶ୍ଚିମ ଓଡ଼ିଶାର ବରଗଡ଼ ଅଞ୍ଚଳକୁ ତାଙ୍କର ସୁଦକ୍ଷ ସେନାପତି ବିଷ୍ଣୁ ଆଚାର୍ଯ୍ୟଙ୍କ ଦ୍ୱାରା ୧୨୨୦ ରେ ଜୟ କରି ନିଜ ଶାସନାଧୀନକୁ ଆଣିଥିଲେ ଓ ପରେ ସେଠାରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ ।

**ବରଗଡ଼ର ଜଗନ୍ନାଥ ମନ୍ଦିର :-**

ପ୍ରାପ୍ତ ଦାନପତ୍ରରୁ ଜଣାଯାଏ ଯେ, ଅନଙ୍ଗଭୀମ ଦେବ ବରଗଡ଼ରେ ଦଧିବାମନ (ଜଗନ୍ନାଥ ମନ୍ଦିର) ପ୍ରତିଷ୍ଠା କରି ପ୍ରଥମ କିସ୍ତିରେ ୫୨.୩୦ ଓ ଦ୍ୱିତୀୟ କିସ୍ତିରେ ୭୮ ଏକର ଜମି ଯଥାକ୍ରମେ ଦାସକୁମ୍ଭାରି ଓ ତୁଠପସରା ଗ୍ରାମରେ ଖଞ୍ଜି ଦେଇଥିଲେ ।

**ତୁରଂତରାର ଜଗନ୍ନାଥ ମନ୍ଦିର :-**

କୁଶଭଦ୍ରା ଅଞ୍ଚଳରେ ଗବେଷଣା ବେଳେ ବାଲିପାଟଣା ନିକଟସ୍ଥ ତୁରଂତରାଠାରେ ବଳଭଦ୍ର, ସୁଭଦ୍ରା ଓ ଶ୍ରୀକୃଷ୍ଣଙ୍କର ବିଗ୍ରହ ମିଳିଥିଲା । ଅନୁମାନ କରାଯାଏ ଯେ, ଏହି ମନ୍ଦିରଟି ଅନଙ୍ଗଭୀମ ଦେବ ଦ୍ୱିତୀୟ ଓ ତାଙ୍କର ପତ୍ନୀ ବାଘେଲା ଦେବୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ଅବସରରେ ଆନୁମାନିକ ୧୧୯୦-୯୮ ମଧ୍ୟରେ ସେଠାରେ ଗୋଟାଏ ବ୍ରାହ୍ମଣ ଶାସନ ମଧ୍ୟ ପ୍ରତିଷ୍ଠା ହୋଇଥିଲା ।

**ଟେକ୍କାଲିର ଜଗନ୍ନାଥ ମନ୍ଦିର :-**

ଟେକ୍କାଲି ଥିଲା ଦକ୍ଷିଣ ଓଡ଼ିଶାର ଏକ ଦୁର୍ଗ । ୧୯୩୬ ପର ଠାରୁ ଏହା ଏବେ ଆନ୍ଧ୍ର ପ୍ରଦେଶରେ ରହିଛି । ପ୍ରାପ୍ତ ତଥ୍ୟରୁ ଜଣାପଡ଼େ ଯେ, ୧୦୧୨ ରୁ ୧୦୯୦ ପର୍ଯ୍ୟନ୍ତ ଏହା ଓଡ଼ିଶା ଶାସନାଧୀନ ଥିଲା । ସେହି ସମୟରେ ସେଠାରେ ମନ୍ଦିର ତିଆରି ହୋଇଥିଲା । ସେତେବେଳେ ଓଡ଼ିଶାର ଶାସକ ଥିଲେ ଚୋଡ଼ଗଙ୍ଗ ଦେବ ।

ଟେକ୍କାଲିର ରାଜା ଲକ୍ଷ୍ମୀନାରାୟଣ ହରିଚନ୍ଦନ ନିଜର ଗବେଷଣା କାଳରେ ଗୋଟାଏ ପରିତ୍ୟକ୍ତ ଶିଳାଲିପିର ଭାଷା ଉଦ୍ଧାର କରି ପ୍ରକାଶ କରିଛନ୍ତି ଯେ, ଚୋଡ଼ଗଙ୍ଗ ଦେବ ସେଠାରେ ଏକ ଦଧିବାମନ (ଜଗନ୍ନାଥ) ମନ୍ଦିର ତିଆରି କରିଥିଲେ । ଏହା ୧୧୭୦ ଅଥବା ୧୧୫୦ ମସିହାରେ ହୋଇଥିବା ଅନୁମାନ । ମନ୍ଦିରଟି ଥିଲା ଯଯାତି ଡିମିରା (ପାହାଡ଼) ରେ । ପରେ ମୁସଲମାନମାନେ ସେହି ମନ୍ଦିରଟି ଧୂଳିସାତ୍ କରି ସେଠାରେ ଏକ ମସ୍‌ଜିଦ୍ ତିଆରି କରିଥିଲେ । ଏହା ଆଉରଙ୍ଗଜେବଙ୍କ ସମୟରେ ହୋଇଥିଲା । ଏବେ ମଧ୍ୟ ତାହାର ଭଗ୍ନବଶେଷ ଦେଖିବାକୁ ମିଳେ ।

ଶ୍ୟାମସୁନ୍ଦର ପୁରଠାରେ ବର୍ତ୍ତମାନ ଏକ ଛୋଟ ମନ୍ଦିରରେ ଜଗନ୍ନାଥ ଅବସ୍ଥାପିତ । ଏଠାରେ ଥିବା ଏକ ଭଗ୍ନ ଶିଳାଲିପିରୁ ଜଣାପଡ଼େ, ମୂଳ ମନ୍ଦିରଟି କସ୍ତୁରୀକାମୋଦିନୀଙ୍କ ଦ୍ୱାରା ପ୍ରତିଷ୍ଠିତ ।

**ଭୁବନେଶ୍ୱରର ବାଳକୃଷ୍ଣ ଓ ସୁଭଦ୍ରା ମନ୍ଦିର :-**

ଅନଙ୍ଗଭୀମ ଦେବଙ୍କର ବିଧବା କନ୍ୟା ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ପ୍ରଦତ୍ତ ଗୋଟିଏ ଶିଳାଲିପି ଅନନ୍ତ ବାସୁଦେବ ମନ୍ଦିରରୁ ମିଳିଛି । ୧୨୭୮ରେ ବିନ୍ଦୁ ସାଗର ତଟରେ ଏହି ମନ୍ଦିର ନିର୍ମାଣର ସୂଚନା ମିଳେ । ନରସିଂହ ଦେବଙ୍କ ପୁତ୍ର ରାଜା ଭାନୁଦେବ ପ୍ରଥମ (୧୨୬୪-୧୨୭୯) ସେତେବେଳେ ଓଡ଼ିଶାର ଶାସକ ଥିଲେ । ତାଙ୍କ ସମୟରେ ମୁସଲମାନମାନେ ପ୍ରଥମ ଆକ୍ରମଣ କରିଥିଲେ, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟସ୍ତତାର କାରଣ ଥିଲା । ସେତେବେଳେ ଦଧିବାମନ (ବଳଭଦ୍ର), ସୁଭଦ୍ରା ଓ ଜଗନ୍ନାଥଙ୍କ ପୂଜା ମିଳିତ ଭାବରେ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ଦ୍ୱାଦଶ ଉପଚାର ବିଧିରେ ସଂପାଦିତ ହେଉଥିଲା । ଏହା ଓଡ଼ିଶା ଓ ବଙ୍ଗଳାରେ ବ୍ୟାପ୍ତ ଥିଲା ଓ ମନ୍ଦିର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା ।

ଓଡ଼ିଶାର ଜଗନ୍ନାଥ ମନ୍ଦିରମାନଙ୍କର ତାଲିକା :

| କ୍ର.ନଂ | ଜିଲ୍ଲା | ଜଗନ୍ନାଥ ମନ୍ଦିର | ଦଧିବାମନ ମନ୍ଦିର | ପତିତପାବନ ମନ୍ଦିର | ମୋଟ |
|---|---|---|---|---|---|
| ୧. | ଅନୁଗୁଳ | ୦୬ | ୦୭ | ୦୨ | ୧୫ |
| ୨. | ବଲାଙ୍ଗୀର | ୩୪ | ୧୯ | - | ୫୩ |
| ୩. | ବାଲେଶ୍ୱର | ୧୨ | ୧୧ | - | ୨୩ |
| ୪. | ବରଗଡ଼ | ୩୫ | ୧୧ | - | ୪୬ |
| ୫. | ଭଦ୍ରକ | ୧୬ | ୦୭ | - | ୨୩ |
| ୬. | ବୌଦ୍ଧ | ୦୨ | ୦୩ | ୦୧ | ୦୬ |
| ୭. | କଟକ | ୧୯ | ୩୫ | ୦୯ | ୬୩ |
| ୮. | ଦେବଗଡ଼ | ୦୬ | ୦୨ | - | ୦୮ |
| ୯. | ଢେଙ୍କାନାଳ | ୦୯ | ୦୭ | ୦୨ | ୧୮ |
| ୧୦. | ଗଜପତି | ୧୮ | ୧୦ | ୦୧ | ୨୯ |
| ୧୧. | ଗଞ୍ଜାମ | ୧୨୦ | ୨୬ | ୦୩ | ୧୪୯ |
| ୧୨. | ଜଗତସିଂହପୁର | ୦୭ | ୦୯ | - | ୧୬ |
| ୧୩. | ଯାଜପୁର | ୦୭ | ୦୯ | ୦୧ | ୧୭ |
| ୧୪. | ଝାରସୁଗୁଡ଼ା | ୨୮ | ୦୮ | ୦୧ | ୩୭ |
| ୧୫. | କଳାହାଣ୍ଡି | ୨୨ | ୦୭ | - | ୨୯ |
| ୧୬. | କେନ୍ଦ୍ରାପଡ଼ା | ୦୬ | ୦୯ | - | ୧୫ |
| ୧୭. | କେଉଁଝର | ୦୨ | ୨୪ | - | ୨୬ |
| ୧୮. | ଖୋର୍ଦ୍ଧା | ୧୨ | ୫୮ | ୨୧ | ୯୧ |
| ୧୯. | କୋରାପୁଟ | ୦୩ | ୦୫ | - | ୦୮ |
| ୨୦. | ମାଲକାନାଗିରି | ୦୧ | - | - | ୦୧ |
| ୨୧. | ମୟୂରଭଞ୍ଜ | ୦୩ | ୦୫ | - | ୦୮ |
| ୨୨. | ନବରଙ୍ଗପୁର | ୦୧ | ୦୧ | - | ୦୨ |
| ୨୩. | ନୟାଗଡ଼ | ୦୭ | ୩୧ | ୧୦ | ୪୮ |
| ୨୪. | ନୂଆପଡ଼ା | ୦୧ | - | - | ୦୧ |
| ୨୫. | ଫୁଲବାଣୀ | ୦୪ | ୦୫ | - | ୦୯ |
| ୨୬. | ପୁରୀ | ୧୦ | ୩୯ | ୧୭ | ୬୬ |
| ୨୭. | ରାୟଗଡ଼ା | ୦୧ | - | - | ୦୧ |
| ୨୮. | ସମ୍ବଲପୁର | ୬୮ | ୨୭ | - | ୯୫ |
| ୨୯. | ସୋନପୁର | ୦୩ | - | - | ୦୩ |
| ୩୦ | ସୁନ୍ଦରଗଡ଼ | ୨୨ | - | - | ୨୨ |
| | ମୋଟ | ୪୮୫ | ୩୭୫ | ୬୮ | ୯୨୮ |

ଉପରୋକ୍ତ ବିବରଣୀରୁ ଜଣାପଡ଼େ ଯେ ଅଧିକାଂଶ ମନ୍ଦିର ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାରେ ପ୍ରତିଷ୍ଠିତ । ପରେ ଆସିବ ପୁରୀ । ପୁରୀ ଚାରିପାଖେ ଷୋହଳ ଶାସନ ଓ ବତିଶ କରବାଡ଼ । ଏହି ବ୍ରାହ୍ମଣ ବସତି ଗୁଡ଼ିକ ଜିଲ୍ଲାର ଅନ୍ୟ ଏକ ଆକର୍ଷଣ ।

ଗଞ୍ଜାମ ସହିତ ଜଗନ୍ନାଥଙ୍କର ମାନସିକ, ଶାରୀରିକ ଓ ଐତିହାସିକ ସଂପର୍କ ଅତି ପୁରାତନ ଓ ନିବିଡ଼ । ଓଡ଼ିଶାର ଅନ୍ୟ ଯେଉଁ ସବୁ ଅଞ୍ଚଳରେ ମୁସଲମାନମାନେ ପ୍ରବେଶ କରିଥିଲେ, ସେଠାରେ ଅଧିକାଂଶ ମନ୍ଦିର ଧୂଳିସାତ୍ କରି ଦେଇଥିଲେ । କେବଳ ଗଞ୍ଜାମ ଓ କେତେକାଂଶରେ ସମ୍ବଲପୁର ଜିଲ୍ଲା ସେମାନଙ୍କ ଦାଉରୁ ରକ୍ଷା ପାଇ ଯାଇଥିଲା । ବାସ୍ତବରେ କହିବାକୁ ଗଲେ, ଗଞ୍ଜାମ ଜଗନ୍ନାଥଙ୍କର ଦ୍ୱିତୀୟ ନିବାସ ।

ବିଶେଷ କରି ସମ୍ବଲପୁରର ମନ୍ଦିରମାନଙ୍କର ମରହଟ୍ଟାମାନଙ୍କ ଯୋଗୁଁ କିଛି କ୍ଷତି ହୋଇନଥିଲା । କାରଣ ସେମାନେ ଜଗନ୍ନାଥଙ୍କର ଭକ୍ତ ଥିଲେ । ଅନ୍ୟ ସ୍ଥାନମାନଙ୍କରେ ଜଗନ୍ନାଥଙ୍କର ଏକକ ପ୍ରସିଦ୍ଧି ଯୋଗୁ ଘଟିଥିଲା । ଏହା ସର୍ବଜନ ବିଦିତ ଯେ, ଓଡ଼ିଶାର ଲୋକମାନଙ୍କର ଜଗନ୍ନାଥଙ୍କ ଉପରେ ଅଗାଧ ବିଶ୍ୱାସ ଅଛି । ପ୍ରତ୍ୟେକ ଘରେ ଯେ କୌଣସି ଶୁଭ କାର୍ଯ୍ୟ ଜଗନ୍ନାଥଙ୍କ ନିମନ୍ତ୍ରଣରୁ ହିଁ ଆରମ୍ଭ ହୁଏ । ଜଗନ୍ନାଥଙ୍କ ପାଖରେ କଥା କଥାକେ ଶରଣ ପଶିବା, ଓଡ଼ିଆ ଲୋକଙ୍କ ତାଙ୍କ ପ୍ରତି ଭକ୍ତିର ପରିଚୟ ଦିଏ । ଏହା ଛଡ଼ା ଓଡ଼ିଶାର ସବୁ ଯାନି ଯାତ୍ରା, ପରଂପରା, ସାମାଜିକ ଓ ଶାସକୀୟ କାର୍ଯ୍ୟ ସହିତ ଜଗନ୍ନାଥଙ୍କ ସଂପର୍କ ପ୍ରତିଷ୍ଠିତ ଓ ଜଗନ୍ନାଥ ସାମାଜିକ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ । ଯୁଗ ଯୁଗ ଧରି ଏହା ଚାଲି ଆସିଛି । ଏହି ତଥ୍ୟ ଇତିହାସ ଦ୍ୱାରା ସମର୍ଥିତ । ବୋଧହୁଏ ଏହି କାରଣରୁ ଦୀର୍ଘ ପାଞ୍ଚ ଶହ ବର୍ଷର ବିଭିନ୍ନ ଆକ୍ରମଣ ସତ୍ତ୍ୱେ ଓଡ଼ିଶା ତା'ର ଆଭିଜାତ୍ୟ, ସଂସ୍କୃତି ଓ ପ୍ରଥା ଅତୁଟ ରଖିଛି ।

ପ୍ରଭୁ ଜଗନ୍ନାଥ କେବଳ ଓଡ଼ିଶାର ଠାକୁର ନୁହନ୍ତି । ତାଙ୍କର ପରମ୍ପରା ସମସ୍ତଙ୍କୁ ପ୍ରଭାବିତ କରିଛି । ଓଡ଼ିଶାରେ ଜଗନ୍ନାଥ ଖାଲି ଦେବତା ନୁହନ୍ତି, ପରିବାରର ଜଣେ ସଦସ୍ୟ । ତେଣୁ ସବୁ ଶୁଭକର୍ମରେ ତାଙ୍କୁ ନିମନ୍ତ୍ରଣ କରାଯାଏ । ଏହା ଜଗନ୍ନାଥଙ୍କ ଉପରେ ଜନସାଧାରଣଙ୍କର ଅତୁଟ ବିଶ୍ୱାସର ଏକ ନିଛକ ନମୁନା । ଖାଲି ଏତିକି ନୁହେଁ, ଶୁଭ କର୍ମରେ ଅନ୍ୟମାନଙ୍କୁ ନିମନ୍ତ୍ରଣ କଲାବେଳେ ନିର୍ମାଲ୍ୟ ମଧ୍ୟ ପଠାଯାଏ ।

ଜଗନ୍ନାଥ ଯେ ଓଡ଼ିଶାର ସାମାଜିକ ଜୀବନ ସହିତ ସଂପୃକ୍ତ, ତା'ର ଉଦାହରଣ ହେଲା, ଶୟନ ଯାତ୍ରା । ଏହାର ସମୟ ତିନିମାସ । ଏହି ସମୟରେ ସମସ୍ତ ଶୁଭ କର୍ମ ବନ୍ଦ ରହେ ।

ଓଡ଼ିଶାର କଳା ଓ ସଂସ୍କୃତି ଯାହା ଏବେ ପୃଥିବୀ ବିଖ୍ୟାତ, ତାହା ଜଗନ୍ନାଥଙ୍କ ପ୍ରତି ଭକ୍ତି ପରଂପରାର ଅନ୍ୟ ଏକ ଅବଦାନ । ଏଠାକାର ଚିତ୍ରକର, ନଟୀ ଓ ସଂଗୀତଜ୍ଞମାନଙ୍କର ନିଜସ୍ୱ ଶୈଳୀ ଅଛି । ଚିତ୍ରକରମାନେ ମନ୍ଦିର ଗାତ୍ରରେ, ରଥରେ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି । ଏହା ଜଗନ୍ନାଥଙ୍କର ଏକ ସେବା ରୂପେ ଗୃହୀତ । ସଂପ୍ରତି ଏହି କଳାକାରମାନେ ପୁରୀ ପାଖରେ କଳାଗ୍ରାମ ରଘୁରାଜପୁରରେ ଅବସ୍ଥାନ କରୁଛନ୍ତି । ଏମାନେ ସାଧାରଣତଃ ଲୋକକଥା, ପୁରାଣ, ଇତିହାସକୁ ନେଇ ଚିତ୍ର କରନ୍ତି । ଆଧୁନିକ ଚିତ୍ରକଳାର ପ୍ରଭାବ ଏହି ବିଭାଗକୁ ଛୁଇଁ ନାହିଁ ।

ଓଡ଼ିଶାର ନୃତ୍ୟ ପରଂପରା ପୃଥିବୀ ବିଖ୍ୟାତ । ଏହା ମଧ୍ୟ ଜଗନ୍ନାଥଙ୍କ ସେବା ଅନ୍ତର୍ଭୁକ୍ତ । ଓଡ଼ିଶୀ ସଂଗୀତ ଓ ନୃତ୍ୟରେ ଶ୍ରେଷ୍ଠ ଓ ସୁଲଳିତ ରାଗଗୁଡ଼ିକ ଭାଷା ଓ ଅଭିନୟ ସହିତ ଯୋଗ କରାଯାଇଥାଏ । ଏହି ନୃତ୍ୟ ଆଗେ କେବଳ ମନ୍ଦିରରେ ହିଁ ଚାଲୁଥିଲା । ଦେବଦାସୀ ପ୍ରଥା ବନ୍ଦ ହେବା ପରେ ପ୍ରଥମେ ଗୋଟି ପୁଅ ଓ ପରେ ପରେ ଅନ୍ୟମାନେ ଏହାକୁ ମନ୍ଦିର ମଧ୍ୟରୁ ବାହାରକୁ ଆଣିଥିଲେ । ଏପରି ଧର୍ମ ଓ ସଂସ୍କୃତିର ମିଳନ ସମାଜ ପାଇଁ ଏକ ଉଦାହରଣ ।

ଜାତିବିହୀନ ସମାଜ ଜଗନ୍ନାଥ ଧର୍ମର ମୂଳ କଥା । ଏଠାରେ ମହାପ୍ରସାଦ ସେବନ ବେଳେ ଜାତି ସହିତ ସାମାଜିକ କଟକଣା ମଧ୍ୟ ରହେ ନାହିଁ । ସମସ୍ତେ ଗୋଟିଏ ଥାଳିରୁ ଖାଇ ପାରନ୍ତି ।

ଆଉ ଏକ ଆନ୍ତରିକତାର ଉଦାହରଣ ହେଲା, ଏବେ ମଧ୍ୟ ନିର୍ମାଲ୍ୟକୁ ସାକ୍ଷୀ ରଖି ଲୋକେ ସାଙ୍ଗ ହୁଅନ୍ତି ସାରା ଜୀବନ ପାଇଁ । ଏଥିରେ ଜାତି ଅଜାତିର ବିଚାର ରହେନି । ଜଗନ୍ନାଥ ସମସ୍ତଙ୍କର - ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କୁ ଗୋଟିଏ ଡ଼ୋରିରେ ବାନ୍ଧି ରଖିଛନ୍ତି । ଏହା ହିଁ ଜଗନ୍ନାଥ ସଂସ୍କୃତିର ଶ୍ରେଷ୍ଠ ଅବଦାନ ବିଶ୍ୱ ସଂସ୍କୃତିକୁ ।

❐❐❐

**ବଳଭଦ୍ରଗଳି**
**ପୁରୀ**